ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର
Housing & Urban Development Department, Govt. of Odisha
**ଜଟଣୀ ପୌର ପରିଷଦ, ଜଟଣୀ**
**OFFICE OF THE MUNICIPAL COUNCIL: JATANI**
ସ୍ଥାନ- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା, ୭୫୨୦୫୦
At/Ps- Jatani, Dist- Khordha (Odisha), Pin-752050
**E-mail – municipalityjatni@gmail.com, Phone. No. 0674- 2490826**

**ପତ୍ରାଙ୍କ: 362 / ତାରିଖ: 19.01.2023**

# ବିଜ୍ଞପ୍ତି

ଏତଦ୍ୱାରା ଜଟଣୀ ପୌର ପରିଷଦ ଅନ୍ତର୍ଗତ ସମସ୍ତ ଜନସାଧାରଣ ତଥା ବାସିନ୍ଦାଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି କି, ପରିଷଦର ୱାର୍ଡ ନଂ ୯ ସଂଲଗ୍ନ BDA ନୂତନ ବସଷ୍ଟାଣ୍ଡ ପଛପାର୍ଶ୍ୱରେ ଆବଂଟନ ହୋଇନଥିବା ୦୭ (ସାତ) ଗୋଟି ଭେଣ୍ଡିଙ୍ଗ୍ ଜୋନ୍ ଦୋକାନଗୃହକୁ ସର୍ବସାଧାରଣଙ୍କ ଗୋଚରରେ ଆବଟଂନ ନିମନ୍ତେ ତା ୧୮.୧୧.୨୦୨୨ ରିଖ ଜଟଣୀ ପୌର ପରିଷଦଙ୍କ ୬ଷ୍ଠ ବୈଠକର ସଭା ବିବରଣୀ ପ୍ରସ୍ତାବ ସଂଖ୍ୟା-୩ (ଅନ୍ୟାନ୍ୟ) (କ)ର ନିଷ୍ପତି ଅନୁଯାୟୀ ସାଧା କାଗଜରେ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

ଏଣୁ ଇଚ୍ଛୁକ ଦରଖାସ୍ତକାରୀ ସେମାନଙ୍କର ଦରଖାସ୍ତ ସହିତ ଟ. ୫୦,୦୦୦/- (ପଚାଶ ହଜାର) ଟଙ୍କାର ଜମା ସାର୍ଟିଫିକେଟ /ବ୍ୟାଙ୍କ ଡ୍ରାଫ୍ଟ ସହ ତା ୩୦/୧/୨୩ ରିଖ ଅପରାହ୍ନ ୪ ଘଟିକା ସୁଦ୍ଧା ଜଟଣୀ ପୌର ପରିଷଦ କାର୍ଯ୍ୟାଳୟରେ ଆବେଦନ କରିପାରିବେ । ଉପଯୁକ୍ତ ଆବେଦନକାରୀଙ୍କ ଦରଖାସ୍ତକୁ ପୌର ପରିଷଦର ଟେଣ୍ଡର କମିଟି ମାଧ୍ୟମରେ ତା ୩୧/୧/୨୩ ରିଖ ଘ.୪.୩୦ ମି. ସମୟରେ ଚୟନ କରାଯିବ ।

***ନିୟମାବଳୀ:-***

୫. ଦରଖାସ୍ତକାରୀ ନିଜର ଭୋଟର ପରିଚୟପତ୍ର, ଆଧାରକାର୍ଡ ନକଲ, ବ୍ୟାଙ୍କ ଜମାଖାତା ନକଲ ସହିତ ଟ. ୫୦,୦୦୦/- (ପଚାଶ ହଜାର) ଟଙ୍କା ଜମାରାଶିର ମୂଳ ନକଲ ଯାହାକି ନିର୍ବାହୀ ଅଧିକାରୀ, ଜଟଣୀ ପୌର ପରିଷଦ, ଜଟଣୀ (**In favour of the Executive Officer, Jatni Municipality**)ଙ୍କ ନାମରେ ହୋଇଥିବା ସହିତ ଦରଖାସ୍ତ ପ୍ରଦାନ କରିବେ । କେବଳ ଯୋଗ୍ୟ ଦରଖାସ୍ତକାରୀଙ୍କ ଜମାରାଶି ସଂରକ୍ଷିତ ରଖାଯିବ ।

୬. ଦରଖାସ୍ତକାରୀ ନିଜର ଦରଖାସ୍ତ ସରକାରୀ କାର୍ଯ୍ୟଦିବସରେ ସକାଳ ୧୦ ଘଟିକା ଠାରୁ ଅପରାହ୍ନ ୪ ଘଟିକା ସମୟ ତା ୩୦/୦୧/୨୩ ରିଖ ମଧ୍ୟରେ ଦାଖଲ ଦେବେ ।

୭. ଦରଖାସ୍ତକାରୀ ନିଜର ପ୍ରବେଶିକା ଦେୟ ଟ. ୨୦୦୦/- (ଦୁଇ ହଜାର) ଟଙ୍କା ପରିଷଦଙ୍କ କାର୍ଯ୍ୟାଳୟରେ ପୈଠ ଦେଇ ପ୍ରାପ୍ତ ରସିଦ୍ ଓ ଦରଖାସ୍ତ ସହ ଆବେଦନ କରିବେ, ଯାହାକି ପରବର୍ତ୍ତୀ ସମୟରେ ଫେରସ୍ତ ଯୋଗ୍ୟ ନୁହେଁ ।

୮. ଉକ୍ତ ନୋଟିସ୍ ବା ବିଜ୍ଞାପନ ଆବଶ୍ୟକ ସ୍ଥଳେ କୌଣସି କାରଣ ନଥାଇ, ପରିଷଦଙ୍କ ଦ୍ୱାରା ବାତିଲ କରାଯାଇପାରିବ ।

ନିର୍ବାହୀ ଅଧିକାରୀ
ଜଟଣୀ ପୌର ପରିଷଦ, ଜଟଣୀ

ଉପପତ୍ରାଙ୍କ 363 / ତା 19.04.2023

ଏହାର ଏକକିତା ନକଲ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଟଣୀ ପୌର ପରିଷଦ କାର୍ଯ୍ୟାଳୟ /ୱାର୍ଡ ଅଫିସ ଜଟଣୀ ପଂଚାୟତ ସମିତି /ଜଟଣୀ ତହସିଲ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ଲଟକଜାରୀ କରାଗଲା ।

ନିର୍ବାହୀ ଅଧିକାରୀ
ଜଟଣୀ ପୌର ପରିଷଦ, ଜଟଣୀ

ଉପପତ୍ରାଙ୍କ 364 /ତା 19.04.2023

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ, ଖୋର୍ଦ୍ଧାଙ୍କ ଅବଗତି ଏବଂ ଜିଲ୍ଲାସ୍ତରୀୟ ୱେବସାଇଟ୍ **(NIC, Khordha)**ରେ ପ୍ରଚାର ପ୍ରସାର କରାଇବା ପାଇଁ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ
ଜଟଣୀ ପୌର ପରିଷଦ, ଜଟଣୀ

ଉପପତ୍ରାଙ୍କ 365 /ତା 19.04.2023

ଏହାର ଏକକିତା ନକଲ ନଗରପାଳ/ଉପନଗରପାଳ, ଜଟଣୀ ପୌର ପରିଷଦଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ
ଜଟଣୀ ପୌର ପରିଷଦ, ଜଟଣୀ

ଉପପତ୍ରାଙ୍କ 366 /ତା 19.04.2023

ଏହାର ଏକକିତା ନକଲ ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ସହରାଂଚଳ ଉନ୍ନୟନ ସଂସ୍ଥା, ଖୋର୍ଦ୍ଧାଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ
ଜଟଣୀ ପୌର ପରିଷଦ, ଜଟଣୀ